# Akashvani, Sambalpur

## SAMBALPURI NEWS EVENING BULLETIN

## 19 April 2024- 7.02 pm- 7.12 pm.

*******************************************

୧- ୨୦୨୪ ଲୋକ୍‌ସଭା ନିର୍ବାଚନ୍‌ର ପହେଲା ଖେପେ ୨୧ ଟା ରାଜ୍ୟ ଆଉ କେନ୍ଦ୍ରଶାସିତ୍ ଇଲାକାର୍ ଶହେ ୨ ଟା ଆସନ୍ ଲାଗି ଆଏଜ୍ ହେଇଛେ ଭୋଟ୍ ।

୨- ରାଏଜେ ପହେଲା ଖେପ୍ ନିର୍ବାଚନ୍ ଲାଗି ବିଧିବଦ୍ଧ ବିଜ୍ଞପ୍ତି ଜାରି ହେବାର୍ ଉତ୍‌ରୁ ମୁଲ୍ ହେଇଛେ ନାମାଙ୍କନ୍ ପତ୍ର ଦାଖଲ୍ ପ୍ରକ୍ରିୟା ।

୩- ଝାର୍‌ସୁଗୁଡ଼ା ଜିଲ୍ଲା ଲଖନ୍‌ପୁର୍ ବ୍ଲକ୍‌ର ଶର୍‌ଧାପାଖେ ମହାନଦୀଥି ଡଙ୍ଗାବୁଡ଼ିକରି ୨ ଝନ୍‌କର୍ ଜୀବନ୍ ଯାଇଥିବାର୍ ବେଲେ ୭ ଝନ୍ ନିଖୋଜ୍ ।

ଆଉର୍

୪- ରାଏଜେ ଗ୍ରୀଷ୍ମପ୍ରବାହ ଜାରି- ବୌଦ୍ଧ ନ ରେକର୍ଡ଼ କରାଯାଇଛେ ରାଜ୍ୟର୍ ସବୁନୁ ଜହ ତାତି ୪୪ ଦଶ୍‌ମିକ୍ ୩ ଡିଗ୍ରୀ ସେଲ୍‌ସିଅସ୍ ।

- ରାଜ୍ୟର୍ ୩୨ ଟା ଜାଗା ନ ତାପମାତ୍ରା ୪୦ ଡିଗ୍ରୀ ଉପ୍‌ରେ ।

ଲୋକ୍‌ସଭା ନିର୍ବାଚନ୍ ପହେଲା ଖେପ୍ ଭୋଟ୍ -
ଆର୍‌ଏନ୍‌ୟୁ/ କଟକ୍

୨୦୨୪ ଲୋକ୍‌ସଭା ନିର୍ବାଚନ୍‌ର ପହେଲା ଖେପେ ୨୧ ଟା ରାଜ୍ୟ ଆଉ କେନ୍ଦ୍ରଶାସିତ୍ ଇଲାକାର୍ ଶହେ ୨ ଟା ଆସନ୍ ଲାଗି ଆଏଜ୍ ଭୋଟ୍ ଶେଷ୍ ହେଇଛେ । ତାମିଲ୍‌ନାଡୁର ସବୁଯାକ ୨୯ ଟା ଆସନ୍ ଲାଗି ଇ ଖେପେ ଭୋଟ୍ ହେଉଥିବାର୍ ବେଲେ ଅରୁଣାଚଲ୍‌ପ୍ରଦେଶ୍ ଆର୍ ମଣିପୁର୍ ନ ୨ ଲେଖା , ମେଘାଲୟ, ନାଗାଲାଣ୍ଡ୍, ପୁଡୁଚେରୀ, ସିକିମ୍ ଲାକ୍ଷାଦ୍ୱୀପ୍, ତ୍ରିପୁରା, ଜାମ୍ମୁକାଶ୍ମୀର୍ ଆର୍ ଛତିଶ୍‌ଗଡ୍ ନ ଗୁଟେ ଲେଖା ଆସନ୍ , ରାଜସ୍ଥାନ୍‌ର ୧୨, ଉତର୍‌ପ୍ରଦେଶ୍ ୮, ମଧ୍ୟପ୍ରଦେଶ୍ ୬, ଉତରାଖଣ୍ଡ, ମହାରାଷ୍ଟ୍ର ଆଉ ଆସାମ୍ ନ ୫ ଟା ଲେଖା ଆସନ୍ ବିହାର୍ ୪, ପଶ୍ଚିମବଙ୍ଗର ୩ ଟା ଆସନ୍ ଲାଗି ଭୋଟ୍ ହେଇଛେ । ସଞ୍ଜର୍ ୫ ବଜେତକ୍ ହାରାହାରି ୫୯ ଦଶ୍‌ମିକ୍ ୭/ ୧ ପ୍ରତିଶତ୍ ଭୋଟ୍ ପଡ଼ିଥିବାର୍ ସର୍‌କାରୀ ସୂତ୍ରନୁ ଜନାପଡ଼ିଛେ ।

ହେଲେ ଇସବୁ ରାଜ୍ୟ ମାନ୍‌କର୍ ଭିତ୍‌ରୁ ତାମିଲ୍‌ନାଡୁ, ମହାରାଷ୍ଟ୍ର, ରାଜସ୍ଥାନ୍, ବିହାର୍, ଉତର୍‌ପ୍ରଦେଶ, ମଧ୍ୟପ୍ରଦେଶ୍ ଆର୍ ଉତରାଖଣ୍ଡ ରାଜ୍ୟର୍ ଆସନ୍ ଏନ୍‌ଡିଏ ଆର୍ ଇଣ୍ଡିଆ ମେଂଟ ଲାଗି ଗୁରୁତ୍ୱପୂର୍ଣ୍ଣ ରହିଛେ । ପହେଲା ଖେପ୍ ଭୋଟ୍‌ଥି ବହୁତ୍ କେନ୍ଦ୍ରମନ୍ତ୍ରୀଙ୍କର୍ ସହେତେ ଅଲ୍‌ଗା ଦଲର୍ ପ୍ରମୁଖ ନେତା ଇ ନିର୍ବାଚନ୍ ଦୌଡ଼୍‌ଥି ସାମିଲ୍ ହେଇଛନ୍ । କେନ୍ଦ୍ରମନ୍ତ୍ରୀ ନିତିନ୍ ଗଡ୍‌କରୀ, ଭୂପେନ୍ଦ୍ର

ଯାଦବ୍, ତାମିଲ୍‌ନାଡୁ ବିଜେପି ମୁଖ୍ୟ କେ. ଆନ୍ନାମଲାଇ, ତେଲେଙ୍ଗାନାର୍ ଆଘର୍ ରାଜ୍ୟପାଲ୍ ତାମିଲ୍‌ସାଇ ସୁନ୍ଦର୍ ରାଜନ୍, ନକୁଲ ନାଥ, ସର୍ବାନନ୍ଦ ସୋନଓ୍ୱାଲ୍, ନୀତିନ୍ ପ୍ରସାଦ୍ ଆର୍ ଗୌରବ୍ ଗୋଗୋଇଙ୍କର୍ ବାଗିର୍ ବହୁତ୍ ନେତାଙ୍କର୍ ରାଜନୈତିକ ଭାଗ୍ୟ ଇଭିଏମ୍‌ଥି ସିଲ୍ ହେଇଛେ ।

ନାମାଙ୍କନ୍ ପତ୍ର ଦାଖଲ୍        ଆର୍‌ଏନ୍‌ୟୁ/ କଟକ୍

ରାଏଜେ ପହେଲା ଖେପ୍ ଭୋଟ୍ ଲାଗି ବିଧିବଦ୍ଧ ବିଜ୍ଞପ୍ତି ଜାରି ହେବାର୍ ସହେତେ ନାମାଙ୍କନ୍ ପତ୍ର ଦାଖଲ୍ ପ୍ରକ୍ରିୟା ମୁଲ୍ ହେଇଛେ । ରାଜ୍ୟର୍ ୪ ଟା ଲୋକ୍‌ସଭା ଆଉ ୨୮ ଟା ବିଧାନ୍‌ସଭା ଆସନ୍ ଲାଗି ହେବାର୍‌କେ ଥିବା ଭୋଟ୍‌ଥି ମୋଟ୍ ୬୨ ଲାଖ୍ ୮୪ ହଜାର୍ ୬ ଶହ ୪୯ ଝନ୍ ଭୋଟର୍ ନିଜର୍ ମତାଧିକାର୍ ସାବ୍ୟସ୍ତ୍ କର୍‌ବେ । ହେଲେ ଇ ନିର୍ବାଚନ୍‌ଥି ମହିଲା ଭୋଟର୍‌ଙ୍କର୍ ସଂଖ୍ୟା ପୁରୁଷଙ୍କର୍‌ନୁ ୯୧ ହଜାର୍ ୫ ଶହ ୨୮ ଅଏତ୍‌କା ରହିଛେ । ଇ ବାବ୍‌ଦେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ନିକୁଞ୍ଜ ବିହାରୀ ଧଳ କହିଛନ୍ ଯେ, ଇ ବଛର୍ ସାଧାରଣ ନିର୍ବାଚନ୍‌କେ ରାଏଜେ ମୁକ୍ତ , ଅବାଧ, ନିରପେକ୍ଷ ଆଉ ନିର୍ଭୁଲ୍ ଆଉ ଶାନ୍ତିଶୃଙ୍ଖଲାର୍ ସହେତେ ପରିଚାଲନା ଲାଗି ସବୁ ରାଜନୈତକ୍ ଦଲ୍‌ମାନ୍‌କର୍ ସହଯୋଗ୍ କାମନା କରାଯାଇଛେ । ରାଏଜେ

ପହେଲା ଖେପେ ୪ ଟା ଲୋକ୍‌ସଭା କଲାହାଣ୍ଡି, ବ୍ରହ୍ମପୁର୍, ନବରଙ୍ଗ୍‌ପୁର୍ ଆର୍ କୋରାପୁଟ୍ ସହେତେ ଇତାର୍ ଅଧିନ୍‌ଥି ଥିବା ସବୁ ୨୮ ଟା ବିଧାନ୍‌ସଭା ଆସନ୍‌ଥି ଆଏବା ମାସ ୧୩ ତାରିଖ୍ ଦିନ ଭୋଟ୍ ହେବା । ଇଥିର୍‌ଲାଗି ଗଲାକାଏଲ୍‌ନୁ ନାମାଙ୍କନ୍‌ପତ୍ର ଦାଖଲ୍ ପ୍ରକ୍ରିୟା ମୁଲ୍ ହେଇଛେ ଆଉ ଇଟା ୨୫ ତାରିଖ୍‌ତକ୍ ଚାଲ୍‌ବା । ଆଏବା ୨୬ ତାରିଖ୍ ଦିନ ନାମାଙ୍କନ୍ ଯାଂଚ୍ ଆଉ ୨୯ ତାରିଖ୍ ଦିନ ପ୍ରାର୍ଥୀପତ୍ର ପ୍ରତ୍ୟାହାର୍‌ର ଶେଷ୍ ତାରିଖ୍ ରହିଛେ । ଇ ୪ ଟା ଲୋକ୍‌ସଭା ଆସନ୍‌ଥି ମୋଟ୍ ୭ ହଜାର୍ ୨ ଶହ ୮୯ ଟା ମତଦାନ୍ କେନ୍ଦ୍ର ଖୁଲାଯାଇଛେ ।

ପୁଲିଂ କର୍ମଚାରୀ- ଏୟାର୍ ଏମ୍ବୁଲେନ୍ସ/ଆର୍‌ଏନ୍‌ୟୁ/ ସମ୍ବଲପୁର

ଭୋଟ୍ କାମ୍‌ଥି ଲାଗିଥିବା ପୁଲିଂ କର୍ମଚାରୀ ମାନ୍‌କୁ ଏୟାର୍ ଏମ୍ବୁଲେନ୍ସ ଚିକିତ୍ସା ସୁବିଧା ମିଲ୍‌ବା ବଲି ସ୍ୱାସ୍ଥ୍ୟ ବିଭାଗ୍ ତର୍‌ଫୁ ନିର୍ଦ୍ଦେଶ୍‌ନାମା ଜାରି କରାଯାଇଛେ । ଯଦି କେନ୍‌ସି କର୍ମଚାରୀ ଅସୁସ୍ଥ ହେଲେ ତାଙ୍କୁ ଜଲ୍‌ଦି ପାଖର୍ ହସ୍ପିଟାଲ୍‌କେ ନିଆଯିବା ଆଉ ଦର୍‌କାର୍ ପଡ଼୍‌ଲେ ଏୟାର୍ ଏମ୍ବୁଲେନ୍ସ ବ୍ୟବସ୍ଥା କରାଯିବା । ଅସୁସ୍ଥଙ୍କୁ ଏୟାର୍‌ବେସ୍ ସୁବିଧା ଥିବା ପାଖର୍ ହସ୍ପିଟାଲ୍‌କେ ଏୟାର୍‌ଲିଫ୍ଟ କରାଯିବା । ଅତିରିକ୍ତ ଡିଏମ୍‌ଇଟି ପ୍ରଫେସର୍ ଡାକ୍ତର୍

ଉମାକାନ୍ତ ଶତ୍ପଥୀଙ୍କୁ ନୋଡ଼ାଲ୍ ଅଫିସର୍ ଭାବେ ନିଯୁକ୍ତି ଦିଆଯାଇଛେ ।

ଡଙ୍ଗାବୁଡ଼ି ସିଏମ୍ଓ / ଝାର୍ସୁଗୁଡ଼ା ସମ୍ବାଦଦାତା

ଝାର୍ସୁଗୁଡ଼ା ଜିଲ୍ଲା ଲଖନ୍ପୁର୍ ବ୍ଲକ୍ର ଶରଧା ପାଖର୍ ମହାନଦୀ ନ ଆଏଜ୍ ଦୁଇପହରେ ଗୁଟେ ଡଙ୍ଗାବୁଡ଼ି ଘଟ୍ନାଥି ୨ ଝନ୍କର୍ ଜୀବନ୍ ଯାଇଥିବାର୍ ବେଲେ ୭ ଝନ୍କର୍ ପତା ନାଇଁ ମିଲ୍ବାର୍ । ଡଙ୍ଗାଥି ପାଖାପାଖି ୪୫ ଝନ୍ ଯାତ୍ରୀ ଥିବାର୍ ଜନାପଡ଼ିଛେ ।

ଖବର୍ ପାଇକରି ମୁଖ୍ୟମନ୍ତ୍ରୀ ନବୀନ୍ ପଟ୍ଟନାୟକ୍ ଘଟ୍ନାଥି ଦୁଃଖ ପ୍ରକାଶ୍ କର୍ବାର୍ ସହେତେ ଶୋକସନ୍ତପ୍ତ ପରିବାର୍କେ ସମବେଦନା ଜନେଇକରି ମୃତକଙ୍କର୍ ପରିବାର୍କେ ୪ ଲାଖ୍ ଟଙ୍କା ଲେଖା ଅନୁକମ୍ପାମୂଲକ୍ ସାହାଜ୍ ଦେବାର୍ ଲାଗି ଘୋଷ୍ନା କରିଛନ୍ । ନିଖୋଜ୍ ମାନ୍କର୍ ଉଦ୍ଧାର୍ କାମ୍ ତୁର୍ତି କର୍ବାର୍ ଲାଗି ସେ ନିର୍ଦ୍ଦେଶ୍ ଦେଇଛନ୍ । ମୁଖ୍ୟମନ୍ତ୍ରୀଙ୍କର୍ ନିର୍ଦ୍ଦେଶ୍ଥି ନିଖୋଜ୍ମାନ୍କୁ ଖୁଜ୍ବାର୍ ଲାଗି ୫ ଝନ୍ ସ୍କୁବା ଡାଇଭର୍ ଆର୍ ୨ ଟା ସ୍ୱତନ୍ତ୍ର କେମ୍ରା ବିମାନ୍ଥି ଝାର୍ସୁଗୁଡ଼ାକେ ପୁହୁଁଚିଛେ ।

ଇନ ଜନେଇ ଦିଆଯାଇପାରେ ଯେ, ଛତିଶଗଡ଼୍ ରାଜ୍ୟର୍ ରାୟଗଡ଼୍ ଜିଲ୍ଲାର୍ ଖର୍ସିଆଁ ଅଞ୍ଜୁରିପାଲି ଆର୍ ଆଖର୍ପାଖର୍ ଗାଁର୍ ୪୫ ଝନ୍ ପୁରୁଷ ଆଉ ମହିଳା - ଶର୍ଧା ଗାଁପାଖେ

ମହାନଦୀର୍ ଗୁଟେ ଟାପୁଥି ଥିବା ପଥରସେନୀ ମନ୍ଦିର୍ ଦର୍ଶନ୍ କର୍‌ବାର୍ ଲାଗି ଯାଇଥିଲେ । ଫିର୍‌ଲା ବେଲେ ଡଙ୍ଗା ଅଣାୟତ୍ ହେଇକରି ନଦୀଥି ବୁଡ଼ି ଯାଇଥିଲା । କେତେଝନ୍ ପହଁରିକରି ଖଁଡ଼ିକେ ଫିରି ଆସିଥିଲେ । ହେଲେ ୯ ଝନ୍ ବୁଡ଼ିଯାଇଥିଲେ ।

ଉତରାଂଚଲ୍ ରାଜସ୍ୱ କମିଶନର୍ ଡକ୍ଟର୍ ଶ୍ରୀକାନ୍ତ ପୃଷ୍ଟି, ଜିଲ୍ଲାପାଲ୍ ଅବୋଲି ସୁନୀଲ୍ ନର୍‌ୱଣେ ଆର୍ ଏସ୍.ପି. ଘଟ୍‌ନାଜାଗାକେ ପୁହୁଁଚିକରି ଉଦ୍ଧାର୍ କାର୍ଯ୍ୟ ତଦାରଖ୍ କରୁଛନ୍ ।

ଗ୍ରୀଷ୍ମ ଋତୁ- ରେଲ୍ ଚଲାଚଲ୍ ପି.ଆଇ.ବି.

ଭାରତୀୟ ରେଲ୍‌ବାଇ ତର୍‌ଫୁ ଖରା ଦିନେ ଯାତ୍ରୀମାନ୍‌କର୍ ସୁବିଧା ଆଉ ବଢୁଥିବା ଯାତ୍ରା ଚାହିଦାକେ ଆଏତ୍ କର୍‌ବାର୍‌କେ ରେକର୍ଡ଼ ସଂଖ୍ୟାଥି ୯ ହଜାର୍ ଶହେ ୧୧ ଟ୍ରିପ୍ ଟ୍ରେନ୍ ଚଲାଚଲ୍ କରୁଛେ । ଗଲା ୨୦୨୩ ବଛରର୍ ଖରାମାସେ ୬ ହଜାର୍ ୩ ଶହ ୬୯ ଟ୍ରିପ୍ ଚଲାଚଲ୍ କରିଥିବାର୍ ବେଲେ ଇଥର ୨ ହଜାର୍ ୭ ଶହ ୪୨ ଟ୍ରିପ୍ ବଢ଼ିଛେ । ଇଟା ଯାତ୍ରୀମାନ୍‌କର୍ ଚାହିଦାକେ ପୁରା କର୍‌ବାର୍ ଲାଗି ଭାରତୀୟ ରେଲ୍‌ବାଇର ପ୍ରତିବଦ୍ଧତାକେ ଦର୍ଶଉଛେ । ଦେଶର୍ ମୁଖ୍ୟ ଜାଗାମାନ୍‌କୁ ସଂଯୋଗ୍ କର୍‌ବାର୍‌କେ ଅତିରିକ୍ତ ଟ୍ରେନ୍ ମାନ୍‌କର୍ ପରିକଳ୍ପନା କରାଯାଇଛେ । ଓଡ଼ିଶା ସହେତେ ୧୪ ଟା ରାଜ୍ୟନୁ ଖରାଦିନର୍ ଟ୍ରେନ୍ ଯାତ୍ରାକେ ନଜର୍‌ଥି ରଖିକରି ଦେଶର୍ ସବୁ ଜୋନାଲ୍ ରେଲ୍‌ବାଇ ଇ ଅତିରିକ୍ତ ଯାତ୍ରା କର୍‌ବାର୍‌କେ ତିଆର୍ ହେଇଛନ୍ ।

ଖରାଦିନେ ରେଲ୍‌ଷ୍ଟେସନ୍ ନ ପିଇବାର୍ ପାଏନ୍ ଯୁଗାବାର୍‌କେ ଜୋନାଲ୍ ରେଲ୍‌ବାଇ ମାନ୍‌କେ ନିର୍ଦ୍ଦେଶ୍ ଦିଆଯାଇଛେ । ଗୁରୁତ୍ୱପୂର୍ଣ୍ଣ ଆଉ ବଡ଼ ରେଲ୍‌ଷ୍ଟେସନ୍ ମାନ୍‌କେ ଭିଡ୍‌କେ ଆଏତ୍ କର୍‌ବାର୍ ଲାଗି ବ୍ୟବସ୍ଥା କରାଯାଇଛେ । ସାଧାରଣ ଶ୍ରେଣୀ ରେଲ୍‌ଡବା ମାନ୍‌କେ ଚଢ଼୍‌ବାର୍ ଲାଗି ଧାଡ଼ି ବ୍ୟବସ୍ଥା କର୍‌ବାର୍‌କେ ଆର୍‌ପିଏଫ୍ ଜବାନ୍ ମାନ୍‌କୁ ରେଲ୍‌ଷ୍ଟେସନ୍ ମାନ୍‌କେ ଲଗାଯାଇଛେ । ଇତାର୍‌ଛଡ଼ା ଯାତ୍ରୀ ଭିଡ୍‌କେ ସୁରୁଖୁରୁଥି ଆଏତ୍ କର୍‌ବାର୍ ଲାଗି ସର୍‌କାରୀ ରେଲ୍‌ବାଇ ପୁଲିସ୍- ଜିଆର୍‌ପି ଆର୍ ରେଲ୍‌ସୁରକ୍ଷା ବଲ୍- ଆର୍‌ପିଏଫ୍ କର୍ମଚାରୀମାନ୍‌କୁ ଫୁଟ୍ ଓଭର୍‌ବ୍ରିଜ୍ ମାନ୍‌କେ ଲଗାଯାଇଛେ ।

ଟ୍ରେନ୍ ବାତିଲ୍ ସମ୍ବଲପୁର ସମ୍ବାଦଦାତା

ସମ୍ବଲ୍‌ପୁର୍ ରେଲ୍‌ମଣ୍ଡଲ୍ ଅଧୀନ୍‌ର କେତେଟା ଜାଗା ନ ଭିତିଭୂମି ବିକାଶ୍ କାମ୍ ଲାଗି ଭିନ୍ ଭିନ୍ ରୁଟ୍‌ମାନ୍‌କେ ଟ୍ରେନ୍ ଚଲାଚଲ୍‌କେ ବାତିଲ୍ କରାଯାଇଛେ । ଇ ବାବ୍‌ଦେ ସମ୍ବଲ୍‌ପୁର୍ ରେଲ୍‌ମଣ୍ଡଲ୍ ତର୍‌ଫୁ ମିଲିଥିବା ସୂଚ୍‌ନା ଅନ୍‌ସାରେ ଟିଟିଲାଗଡ୍- ବିଲାସ୍‌ପୁର୍- ଟିଟିଲାଗଡ୍ ପେସେଞ୍ଜର୍‌କେ ଆଏବା ୨୦ ତାରିଖ୍ ଦିନ ଦୁହିଆଡୁ ବାତିଲ୍ କରାଯାଇଛେ । ସେଦିନ ଭୁବ୍‌ନେଶ୍ୱର୍-ସୋନ୍‌ପୁର୍- ଭୁବ୍‌ନେଶ୍ୱର୍ ଏକ୍ସପ୍ରେସ୍ ଭୁବ୍‌ନେଶ୍ୱର୍ ଆର୍ ସମ୍ବଲ୍‌ପୁର୍ ଭିତ୍‌ରେ ଚଲାଚଲ୍ କର୍‌ବା । ସେନ୍ତା ଜଗ୍‌ଦଲ୍‌ପୁର୍ -ହାୱଡ଼ା ଏକ୍ସପ୍ରେସ୍

ଜଗ୍‌ଦଲ୍‌ପୁର୍ ବଦ୍‌ଲା ଟିଟିଲାଗଡ୍‌ନୁ ଧାରିଜ୍ ସମିଆର୍ ଘଂଟେ ଡେରିଥି ବାହାର୍‌ବା ।

ବୌଦ୍ଧ ପୁଲିସ୍- ଫ୍ଲାଗ୍‌ମାର୍ଚ୍ଚ ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ସହରେ ଆଏଜ୍ ସଶସ୍ତ୍ର ବାହିନୀ ଆଉ ପୁଲିସ୍ ତର୍‌ଫୁ ଫ୍ଲାଗ୍‌ମାର୍ଚ୍ଚ କରାଯାଇଛେ । ସାଧାରଣ ନିର୍ବାଚନ୍‌କେ ନଜର୍‌ଥି ରଖିକରି ସଶସ୍ତ୍ର ବାହିନୀ ଆଉ ପୁଲିସ୍ ନିଜର୍ ଉପସ୍ଥିତି ଜାହିର୍ କର୍‌ବାର୍ ସହେତେ ଇଲାକା ନ ଶାନ୍ତିଶୃଙ୍ଖଲା ବଜାୟ ରଖ୍‌ବାର୍ ଲାଗି ଲୁକ୍‌କୁ ନିବେଦନ୍ କରାଯାଇଛେ । ଫ୍ଲାଗ୍‌ମାର୍ଚ୍ଚଥି ବିଏସ୍‌ଏଫ୍‌ର ଗୁଟେ ପ୍ଲାଟୁନ୍ ଆର୍ ଆଇଆର୍‌ବିର ଗୁଟେ ପ୍ଲାଟୁନ୍ ସହେତେ ଜିଲ୍ଲା ପୁଲିସ୍ ଅଧିକାରୀମାନେ ସାମିଲ୍ ଥିଲେ ।

ଭୋଟର୍ ସଚେତନତା କାର୍ଯ୍ୟକ୍ରମ୍-ବୌଦ୍ଧ ବୌଦ୍ଧ
ସମ୍ବାଦଦାତା

ବୌଦ୍ଧ ଜିଲ୍ଲା ବାଉଁଶୁଣି ଠାନେ ଥିବା ମାହେଶ୍ୱରୀ ଡିଗ୍ରୀ ମହାବିଦ୍ୟାଳୟ ନ ଗୁଟେ ଭୋଟର୍ ସଚେତନତା କାର୍ଯ୍ୟକ୍ରମ୍ ହେଇଯାଇଛେ । ଇଥି ଉପଜିଲ୍ଲାପାଲ୍ ପ୍ରଭାସ୍ ଚନ୍ଦ୍ର ଦଣ୍ଡସେନା ଯୋଗ୍ ଦେଇକରି ଜିଲ୍ଲାର୍ ସବୁ ନୂଆଁ ଭୋଟର୍‌ମାନେ ମତଦାନ୍ କର୍‌ବାର୍ ଲାଗି ଅନୁରୋଧ୍ କରିଥିଲେ । ସଚେତନତା

କାର୍ଯ୍ୟକ୍ରମ୍‌ଥି ସବୁ ଅଧ୍ୟାପକ, ଅଧ୍ୟାପିକା, ଛାତ୍ରଛାତ୍ରୀ ଆର୍ ମହାବିଦ୍ୟାଳୟର୍ କର୍ମଚାରୀମାନେ ଯୋଗ୍ ଦେଇଥିଲେ ।

ନୃସିଂହନାଥ ବୈଶାଖ୍ ମେଲା-ପ୍ରସ୍ତୁତି ବୈଠକ୍ ବର୍‌ଗଡ଼୍

ସମ୍ବାଦଦାତା

ବର୍‌ଗଡ଼୍ ଜିଲ୍ଲାର୍ ପାଇକ୍‌ମାଲ୍‌ର ନୃସିଂହନାଥ ପୀଠ ନ ପ୍ରସିଦ୍ଧ ବୈଶାଖ୍ ମେଲା ଲାଗି ଆଏଜ୍ ମନ୍ଦିର୍ ପ୍ରଶାସନ୍ ଆଉ ମେଲା ଆୟୋଜନ୍ କମିଟି ତର୍‌ଫୁ ଗୁଟେ ପ୍ରସ୍ତୁତି ବୈଠକ୍ ହେଇଯାଇଛେ । ଆଏବା ମାସ ୧୯ ନୁ ୨୩ ତାରିଖ୍‌ତକ୍ ହେବାର୍‌କେ ଥିବା ଇ ମେଲା ସମିଆଥି ଖରାକେ ନଜର୍‌ଥି ରଖିକରି ଶ୍ରଦ୍ଧାଳୁମାନ୍‌କର୍ ଲାଗି ପିଇବାର୍ ପାନିର୍ ବ୍ୟବସ୍ଥା, ପର୍ବତାରୋହୀଙ୍କର୍ ଲାଗି ସୁରକ୍ଷା ବ୍ୟବସ୍ଥା, ଅଠିପହର୍ ବିଜ୍‌ଲି ସେବା, ଟ୍ରାଫିକ୍ ବ୍ୟବସ୍ଥା ବାବ୍‌ଦେ ଆଲୋଚନା କରାଯାଇଥିଲା । ମେଲା ପରିସର୍‌କେ ଇଥର ପୁରା ପ୍ଲାଷ୍ଟିକ୍‌ମୁକ୍ତ ରଖିବାର୍ ଲାଗି ନିଷ୍ପତି ନିଆଯାଇଛେ ବଲି ନୃସିଂହନାଥ ମନ୍ଦିର୍ ଟ୍ରଷ୍ଟବୋର୍ଡ଼ର କାର୍ଯ୍ୟନିର୍ବାହୀ ଅଧିକାରୀ ପୁରୁଷୋତମ୍ ପ୍ରଧାନ୍ କହିଛନ୍ ।

ଖରା ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା ନ ଅପର୍‌ବଲ୍ ଖରା ଲାଗି ସାଧାରଣ୍ ଜୀବନ୍‌ଯାତ୍ରା ବ୍ୟାହତ୍ ହେଇଛେ । ଗାଁ ନୁ ସହର୍‌ତକ୍ ସବୁଆଡ଼େ ଦିନର୍ ୧୦ ବଜେନୁ ରାସ୍ତାଘାଟ୍ ଶୂନ୍‌ଶାନ୍ ହେଇଯାଉଛେ । ଦୁଇପହରର୍ ୧୧ ବଜେନୁ ୩ ବଜେତକ୍ ପ୍ରଶାସନ୍‌ର ମାର୍ଗଦର୍ଶିକା ଅନ୍‌ସାରେ ଶ୍ରମିକ୍‌ମାନେ କାମ୍ ନାଇଁ କରୁଥିବାର୍ ଦେଖ୍‌ବାର୍‌କେ ମିଲିଛେ । ଜିଲ୍ଲା ନ ଆଏଜ୍ ତାପମାତ୍ରା ୪୦ ଡିଗ୍ରୀନୁ ଅଏତ୍‌କା ରହିଛେ । ଖାସ୍ କରି ଗୃହପାଲିତ୍ ପଶୁପକ୍ଷୀମାନ୍‌କର୍ ଲାଗି ପିଇବାର୍ ପାଏନ୍ ସମସ୍ୟା ଦେଖାଦେଇଛେ ।

ପାଣିପାଗ ଆର୍‌ଏନ୍‌ୟୁ/ସମ୍ବଲପୁର

ରାଏଜେ ଗ୍ରୀଷ୍ମପ୍ରବାହ ଜାରି ରହିଛେ । ଆଏଜ୍ ବୌଦ୍ଧ ନ ରାଜ୍ୟର୍ ସବୁନୁ ଅଏତ୍‌କା ତାତି ୪୪ ଦଶ୍‌ମିକ୍ ୩ ଡିଗ୍ରୀ ସେଲ୍‌ସିଅସ୍ ରେକର୍ଡ଼ କରାଯାଇଛେ । ସେନ୍ତା ୧୦ ଟା ସହର୍ ନ ୪୩ ଡିଗ୍ରୀ ନୁ ଅଏତ୍‌କା ତାତି ରେକର୍ଡ଼ କରାଯାଇଥିଲା ବେଲେ ୩୨ ଟା ସହର୍ ନ ୪୦ ଡିଗ୍ରୀନୁ ଅଏତ୍‌କା ତାପମାତ୍ରା ରେକର୍ଡ଼ କରାଯାଇଛେ । ରାଏଜେ ଆଏବା ୨୧ ତାରିଖ୍‌ତକ୍ ଗ୍ରୀଷ୍ମ ଲହରୀ ଜାରି ରହେବା ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ସୂଚ୍‌ନା ଦିଆଯାଇଛେ । ଆଏଜ୍ ପଶ୍ଚିମ ଓଡ଼ିଶାର୍ ଝାର୍‌ସୁଗୁଡ଼ା ନ ତାତି ୪୩ ଦଶ୍‌ମିକ୍ ୮, ଟିଟିଲାଗଡ୍ ନ ୪୩ ଦଶ୍‌ମିକ୍ ୫, ଭବାନୀପାଟ୍‌ନା ଆର୍ ନୂଆପଡ଼ା ନ ୪୩,

ସମ୍ବଲ୍‌ପୁର୍ ଆର୍ ସୁନ୍ଦରଗଡ୍ ନ ୪୨ ଦଶ୍‌ମିକ୍ ୫ ଡିଗ୍ରୀ ସେଲ୍‌ସିଅସ୍ ରେକର୍ଡ଼ କରାଯାଇଛେ ।